ବିଶୁନ ନାରାୟଣ ମିଶ୍ର

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଅକ୍ଟୋବର 7,1964

(ପ୍ରଧାନ ନ୍ୟାୟାଧୀଶ ପି. ବି. ଗଜେନ୍ଦ୍ରଗଡକର, କେ. ଏନ୍. ୱାଞ୍ଚୁ, ଏମ୍. ହିଦାୟତୁଲ୍ଲା, ରଘୁବର ଦୟାଲ ଏବଂ ଜେ. ଆର୍. ମୁଧୋଲକର, ନ୍ୟାୟମୂର୍ତ୍ତିବୃନ୍ଦ)

*ଭାରତର ସମ୍ବିଧାନର ଅନୁଚ୍ଛେଦ 311,14-ବେସାମରିକ ସେବା- ଅବସର ଗ୍ରହଣ ବୟସ 55 ରୁ 58 ବର୍ଷକୁ ବୃଦ୍ଧି ଏବଂ ପୁଣି 55 ବର୍ଷକୁ ହ୍ରାସ- ଅବସର ଗ୍ରହଣ ବୟସ ହ୍ରାସର ଫଳସ୍ୱରୂପ ସେବାର ସମାପ୍ତି ଅନୁଚ୍ଛେଦ 311କୁ ଆକର୍ଷିତ କରେ କି - ଅଧିସୂଚନା ପିଛିଲା ପ୍ରଭାବ, ଭେଦଭାବପୂର୍ଣ୍ଣ କି ।*

1957 ମସିହା 27 ନଭେମ୍ବରରେ, ଉତ୍ତର ପ୍ରଦେଶ ସରକାର ଏକ ଅଧିସୂଚନା  ଜାରି କରି ନିଜ ସେବାର ସଦସ୍ୟମାନଙ୍କ ପାଇଁ ଅବସର ବୟସ 55ରୁ 58 ବର୍ଷକୁ ବୃଦ୍ଧି କରିଥିଲେ । ମେ 25,1961 ତାରିଖରେ ସରକାର ଅନୁଚ୍ଛେଦ 309 ଅନୁଯାୟୀ ଏକ ଅଧିସୂଚନା  ଜାରି କରି ଏହି ବୟସ ସୀମାକୁ ପୁଣିଥରେ 55 ବର୍ଷକୁ ହ୍ରାସ କରିଥିଲେ । ପରବର୍ତ୍ତୀ ଅଧିସୂଚନା ର ଏକ ବ୍ୟବସ୍ଥା ଦ୍ୱାରା ଏହା ଉଲ୍ଲେଖ କରାଯାଇଥିଲା ଯେ ଯେଉଁମାନେ ପୂର୍ବ ଅଧିସୂଚନା  କାରଣରୁ 55 ବର୍ଷ ବୟସ ଅତିକ୍ରମ କରି ମଧ୍ୟ ଚାକିରି ଜାରି ରଖିଥିଲେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ତାରିଖ ପରେ ମଧ୍ୟ ଚାକିରିରେ ରଖାଯାଇଥିବା ବିବେଚନା କରାଯିବ । ସେହିଦିନ ସରକାରଙ୍କ ଦ୍ୱାରା ଅନ୍ୟ ଏକ ଆଦେଶ ଜାରି କରିଥିଲେ ଯେ, ଯେଉଁମାନଙ୍କର ବୟସ 55ରୁ 58ବର୍ଷ ମଧ୍ୟରେ ଥିଲା ଏବଂ ଯେଉଁମାନଙ୍କୁ ଉପରୋକ୍ତ ଉପାୟରେ ଚାକିରିରେ ରଖାଯାଇଥିଲା, ସେମାନଙ୍କୁ ଡିସେମ୍ବର 31, 1961ରେ ଅବସର ଦିଆଯିବ । ଆବେଦନକାରୀ, ଯାହାଙ୍କୁ 11 ଡିସେମ୍ବର 1960ରେ 55ବର୍ଷ ବୟସର ହୋଇଥିଲେ ଏବଂ ଅବସର ବୟସ ସୀମା 58 ବର୍ଷକୁ ବୃଦ୍ଧି କରାଯିବା ପରେ ସେ ଚାକିରି ଜାରି ରଖିଥିଲେ, ସେ 31 ଡିସେମ୍ବର 1961ରେ ଅବସର ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ । ଏଥିରେ କ୍ଷୁବ୍ଧ ହୋଇ ସେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ, ଯାହାକୁ ଖାରଜ କରାଯାଇଥିଲା ଏବଂ ଦୁଇ ଜଣିଆ ବିଚାରପତିଙ୍କ  ଖଣ୍ଡପୀଠରେ ହୋଇଥିବା ଆବେଦନ ମଧ୍ୟ ବିଫଳ ହୋଇଥିଲା । ବିଶେଷ ଅନୁମତି ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆବେଦନ ଦାୟର କରାଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ଏହା ସୂଚିତ କରାଯାଇଥିଲା ଯେ:

(1) 1961 ମସିହା ମେ 25 ତାରିଖର ଅଧିସୂଚନା ଦ୍ଵାରା ଅବସରର ନିୟମରେ ହୋଇଥିବା ପରିବର୍ତ୍ତନ ଅନୁଚ୍ଛେଦ 311 ଦ୍ଵାରା ପ୍ରଭାବିତ ହୋଇଥିଲା, କାରଣ ଏହା ଧାରା 311(2)ର ଆବଶ୍ୟକତାକୁ ପୂରଣ ନକରି ସରକାରୀ କର୍ମଚାରୀଙ୍କୁ ଚାକିରିରୁ ଅପସାରଣ କରିବା ସହିତ ସମାନ ଥିଲା l

(2) ପ୍ରଶ୍ନରେ ଥିବା ନିୟମ ପିଛିଲା ହୋଇଥିବାରୁ ତ୍ରୁଟିପୂର୍ଣ୍ଣ ଥିଲା କାରଣ କୌଣସି ଅଧିସୂଚନା ପିଛିଲାଭାବରେ କରାଯାଇପାରିବ ନାହିଁ; ଏବଂ

( 3) ଯେହେତୁ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅବସରପ୍ରାପ୍ତ କ୍ଷେତ୍ରରେ ଅସମାନତା ସୃଷ୍ଟି ହୋଇଥିଲା, ଏହା ନିୟମ ଅନୁଚ୍ଛେଦ 14 ଦ୍ଵାରା ପ୍ରଭାବିତ ହୋଇଥିଲା l

ନିର୍ଣ୍ଣୟ ହୋଇଥିଲା (i) ଏପରି କୌଣସି ବ୍ୟବସ୍ଥା ନାହିଁ ଯାହା ଅବସରର ବୟସକୁ ବୃଦ୍ଧି ବା ହ୍ରାସ କରିବା ପାଇଁ ସରକାରଙ୍କ କ୍ଷମତାକୁ ଅପସାରଣ କରିଥାଏ ଏବଂ ତେଣୁ ଯେହେତୁ ପ୍ରଶ୍ନରେ ଥିବା ଏହି ନିୟମ କେବଳ ଅବସର ପ୍ରାପ୍ତ ବୟସ ସହ ଜଡ଼ିତ ଏବଂ ଅବସରର ବୟସ ହ୍ରାସ ହେବା କାରଣରୁ ଆବେଦନକାରୀଙ୍କୁ ଅବସର ନେବାକୁ ପଡିଥିଲା, ତେଣୁ ଏହା କୁହାଯାଇପାରିବ ନାହିଁ ଯେ ଏହିପରି ଭାବରେ ତାଙ୍କ ସେବା ସମାପ୍ତ ହେବା ଅନୁଚ୍ଛେଦ 311ର ଅର୍ଥ ଅନୁଯାୟୀ ସେବାରୁ ବହିଷ୍କାର ହେଲେ ବୋଲି ଧରାଯିବା l

ମୋତି ରାମ ଡେକା ବନାମ ଜେନେରାଲ ମ୍ୟାନେଜର, ଉତ୍ତର ସୀମାନ୍ତ ରେଳବାଇ, A.I.R. 1964 S.C. 600 ର ଉଲ୍ଲେଖ କରାଯାଇଛି l

(ii) ଏହି ନିୟମରେ କୌଣସି ପିଛିଲା ପ୍ରଭାବ ନଥିଲା l ଏଥିରେ କେବଳ ଏତିକି ଉଲ୍ଲେଖ ଥିଲା ଯେ, ଏହି ନିୟମ ଲାଗୁ ହେବା ତାରିଖଠାରୁ ଅବସର ବୟସ ସୀମା 55ବର୍ଷ ହେବ l ଏହା କାର୍ଯ୍ୟକାରୀ ହେବା ପରେ ଏହି ନିୟମ କେବଳ ସେହି ଅବଧି ପାଇଁ ଲାଗୁ ହେବ l ଏହି ବ୍ୟବସ୍ଥା ଏହାକୁ ପିଛିଲା ଭାବେ ଲାଗୁ କଲା ନାହିଁ l ଏହା କେବଳ ଉଲ୍ଲେଖ ଥିଲା ଯେ 1957 ର ପୂର୍ବ ନିୟମକୁ ଦୃଷ୍ଟିରେ ରଖି 55 ବର୍ଷରୁ ଅଧିକ ସେବା ଅବଧିକୁ କିପରି ବିବେଚନା କରାଯିବା, ଯାହା 1961 ର ନିୟମ ଦ୍ଵାରା ପରିବର୍ତ୍ତନ କରାଯାଇଥିଲା l ସେହିଦିନ ଜାରି ହୋଇଥିବା ଦ୍ଵିତୀୟ ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା ଯେ, ଏହି ନିୟମର କୌଣସି ପିଛିଲା କାର୍ଯ୍ୟକାରିତା ନାହିଁ, କାରଣ ବାସ୍ତବରେ ମେ

25, 1961 ମସିହାରେ ନୂଆ ନିୟମ ଲାଗୁ ହେବା ପୂର୍ବରୁ 58ବର୍ଷରୁ କମ୍ ବୟସର କୌଣସି ସରକାରୀ କର୍ମଚାରୀ ଅବସର ଗ୍ରହଣ କରିନଥିଲେ । ଏହିପରି ଭାବେ ଅବସର ବୟସ ସୀମାକୁ 58 ବର୍ଷରୁ 55 ବର୍ଷକୁ ହ୍ରାସ କରିଥିବା ନୂଆ ନିୟମକୁ ପିଛିଲା ଭାବେ ଗ୍ରହଣ କରାଯାଇପାରିବ ନାହିଁ ।

(iii) ଏହି ଯୁକ୍ତିରେ କୌଣସି ଶକ୍ତି ନଥିଲା ଯେ ନୂତନ ନିୟମ ପ୍ରଭେଦପୂର୍ଣ୍ଣ ଥିଲା କାରଣ ବିଭିନ୍ନ ସରକାରୀ କର୍ମଚାରୀ 31 ଡିସେମ୍ବର, 1961 ରେ ବିଭିନ୍ନ ବୟସରେ ଅବସର ନେଇଥିଲେ । ଏହି ନିୟମ 55 ରୁ 58 ବର୍ଷ ବୟସ ମଧ୍ୟରେ ଥିବା ସମସ୍ତଙ୍କୁ ସମାନ ଭାବରେ ଦେଖିଥିଲା । ଯେଉଁମାନେ ଡିସେମ୍ବର 31,1961 ରେ  ଅବସର ନେଇଥିଲେ ସେମାନେ ନିଶ୍ଚିତ ଭାବରେ ବିଭିନ୍ନ ବୟସରେ ଅବସର ନେଇଥିଲେ କିନ୍ତୁ ସେମାନଙ୍କର ସେବା 55 ବର୍ଷ ବୟସ ପରେ ଭିନ୍ନ ଭିନ୍ନ ଅବଧି ପାଇଁ ବଜାୟ ରଖାଯାଇଥିଲା । ସରକାର ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ସେବାକୁ ସମାନ ସମୟ ପାଇଁ ବଜାୟ ରଖିବାକୁ ବାଧ୍ୟ ନଥିଲେ । ଅବସର ପରେ ସରକାରୀ କର୍ମଚାରୀଙ୍କ ଅବସ୍ଥାନ ସେମାନଙ୍କ ଦକ୍ଷତା ଏବଂ ସରକାରୀ ସେବା ଆବଶ୍ୟକତା ଉପରେ ନିର୍ଭର କରୁଥିଲା, ଏବଂ ବର୍ତ୍ତମାନ ମାମଲାରେ ଅବସର ଅବଧିରେ ଥିବା ପାର୍ଥକ୍ୟ ଜନସେବାର ଆବଶ୍ୟକତା କାରଣରୁ ସୃଷ୍ଟି ହୋଇଥିଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1053/1963 ।

ବିଶେଷ ଆବେଦନ ସଂଖ୍ୟା 249/1962ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ମାର୍ଚ୍ଚ 29,1962ର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏମ୍. ପି. ବାଜପେୟୀ* ଏବଂ *କେ. କେ. ସିହ୍ନା* ।

ଉତ୍ତରଦାତାମାନଙ୍କ ପକ୍ଷରୁ *ସି. ବି. ଅଗ୍ରୱାଲା* ଏବଂ *ଓ. ପି. ରାଣା* ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ୱାଞ୍ଚୁଙ୍କ ଦ୍ୱାରା ।** ଏହା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ପ୍ରମାଣପତ୍ର ଉପରେ ଏକ ଆବେଦନ ଅଟେ ଏବଂ ଏହା ନିମ୍ନଲିଖିତ ପରିସ୍ଥିତିରେ ଉତ୍ପନ୍ନ ହୋଇଛି । ଆବେଦନକାରୀ ଉତ୍ତର ପ୍ରଦେଶ ରାଜ୍ୟର ସବ୍-ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିଲେ । ସେ 11 ଡିସେମ୍ବର 1905 ରେ ଜନ୍ମଗ୍ରହଣ କରିଥିଲେ ଏବଂ ଜୁଲାଇ 1933 ରେ

ସେବାରେ ନିଯୁକ୍ତ ହୋଇଥିଲେ । ତାଙ୍କ ନିଯୁକ୍ତି ସମୟରେ ତାଙ୍କ ଶ୍ରେଣୀର ସରକାରୀ କର୍ମଚାରୀଙ୍କ ଅବସର (କିମ୍ବା ଅବସର ଗ୍ରହଣ) ବୟସ 55 ବର୍ଷ ଥିଲା । ତେଣୁ, ସାଧାରଣତଃ ସେ ଡିସେମ୍ବର 11,1960 ରେ ଅବସର ନେବା ଉଚିତ୍ ଥିଲା । ତେଣୁ, ସାଧାରଣ ଭାବେ ସେ ଡିସେମ୍ବର 11,1960ରେ ଅବସର ନେଇଥାନ୍ତେ । କିନ୍ତୁ ନଭେମ୍ବର 27, 1957ରେ ଉତ୍ତର ପ୍ରଦେଶ ସରକାର (ଏହାପରେ ସରକାର ଭାବେ ଉଲ୍ଲେଖ କରାଯିବ) ଏହି ଅବସର ବୟସ ସୀମାକୁ 58ବର୍ଷକୁ ବୃଦ୍ଧି କରିଥିଲେ । ଏହାର ଅର୍ଥ ଥିଲା ଯେ ଆବେଦନକାରୀ 1963 ମସିହା ଡିସେମ୍ବର 11 ତାରିଖରେ ଅବସର ଗ୍ରହଣ କରିଥାନ୍ତେ । ମେ 25,1961 ରେ ସରକାର ପୁଣିଥରେ ସମ୍ବିଧାନର ଅନୁଚ୍ଛେଦ 309 ଅନୁଯାୟୀ ଜାରି ହୋଇଥିବା ସେହି ତାରିଖର ଅଧିସୂଚନା ଦ୍ୱାରା ଅବସର ବୟସ (କିମ୍ବା ଅବସର ଗ୍ରହଣ) କୁ 55 ବର୍ଷକୁ ହ୍ରାସ କରିଥିଲେ । ଆହୁରି ମଧ୍ୟ ଏହି ସର୍ତ୍ତାବଳୀରେ ଅବସର ସମ୍ବନ୍ଧୀୟ ନିୟମାବଳୀରେ ଏକ ବ୍ୟବସ୍ଥା ଯୋଡା ଯାଇଥିଲା :-

> "ଉଲ୍ଲେଖଥିଲା ଯେ ଜଣେ ସରକାରୀ କର୍ମଚାରୀ, ଯିଏକି 1957 ମସିହା ଜୁନ୍ 17 ତାରିଖରେ କିମ୍ବା ତା 'ପୂର୍ବରୁ ଅବସର ଗ୍ରହଣ କରିନଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ 55 ବର୍ଷ ବୟସ ହାସଲ କରିଛନ୍ତି ଏବଂ 1961 ମସିହା ମେ 25 ତାରିଖରେ 58 ବର୍ଷ ବୟସ ହାସଲ କରିନାହାଁନ୍ତି, ସେ 55 ବର୍ଷ ବୟସ ହାସଲ କରିବା ପରେ ଯେଉଁ ଅବଧି ପର୍ଯ୍ୟନ୍ତ ସେବା ଜାରି ରଖିଛନ୍ତି, ସେହି ଅବଧି ପାଇଁ ବାଧ୍ୟତାମୂଳକ ଅବସର ଗ୍ରହଣ ତାରିଖ, ଅର୍ଥାତ୍, ଉପରୋକ୍ତ ନିୟମର ମଧ୍ୟରେ 55 ବର୍ଷ ବୟସ ପରେ ମଧ୍ୟ ସେବାରେ ରହିଥିବାର ବିବେଚନା କରାଯିବ ।

ଏହାବ୍ୟତୀତ ଅବସର ବୟସ ପରିବର୍ତ୍ତନ ଫଳରେ 55 ବର୍ଷରୁ ଅଧିକ ବୟସର ସମସ୍ତ ସରକାରୀ କର୍ମଚାରୀଙ୍କ ଅବସର ତୁରନ୍ତ ଗ୍ରହଣ କରାଯିବ । ଫଳରେ ସରକାରୀ ସେବାରେ ସ୍ଥାନଚ୍ୟୁତି ସୃଷ୍ଟି ହେବ, ସେହି ଦିନ ରାଜ୍ୟପାଳଙ୍କ ଦ୍ୱାରା ଅନ୍ୟ ଏକ ଆଦେଶ ଜାରି କରାଯାଇଥିଲା, ଯେଉଁଥିରେ ନିର୍ଦ୍ଦେଶ ଦିଆଯାଇଥିଲା ଯେ କୌଣସି ସରକାରୀ କର୍ମଚାରୀ ଯିଏକି ଆଦେଶ ତାରିଖରେ କିମ୍ବା ତା 'ପୂର୍ବରୁ ବାଧ୍ୟତାମୂଳକ ଅବସର (କିମ୍ବା ଅବସର ଗ୍ରହଣ) ର ବୟସ ପରେ ବଜାୟ ରଖିବା ପାଇଁ ଉପରୋକ୍ତ ପରନ୍ତୁକ ଅନୁସରଣରେ ନିର୍ଦ୍ଦେଶିତ ହୋଇସାରିଥିଲେ, ସେମାନଙ୍କୁ ଏହି ଆଦେଶ ସହିତ ସଂଲଗ୍ନ ଅନୁସୂଚୀ ଅନୁଯାୟୀ ରଖାଯିବ । ଏହି ଅନୁସୂଚୀ ଉଲ୍ଲେଖ କରେ ଯେ -

(1) ଯେଉଁ ସରକାରୀ କର୍ମଚାରୀମାନେ  ମେ 25,1961 ରେ 57 ବର୍ଷ ବୟସ ଅତିକ୍ରମ କରିସାରିଥିବେ, ସେମାନଙ୍କୁ 58 ବର୍ଷ ବୟସ ଅତିକ୍ରମ କରିବା ତାରିଖ କିମ୍ବା 31 ଡିସେମ୍ବର 1961 ପର୍ଯ୍ୟନ୍ତ, ଯେଉଁ ତାରିଖ ପ୍ରଥମେ ହୋଇଥିବ, ସେହି ତାରିଖ ପର୍ଯ୍ୟନ୍ତ ନିଯୁକ୍ତିରେ ରଖାଯିବ ।

(2) ଯେଉଁ ସରକାରୀ କର୍ମଚାରୀମାନେ ମେ 25,1961 ରେ 55 ବର୍ଷ ବୟସ ଅତିକ୍ରମ କରିସାରିଥିଲେ କିନ୍ତୁ 57 ବର୍ଷ ବୟସ ଅତିକ୍ରମ କରିନଥିଲେ ସେମାନଙ୍କୁ 31 ଡିସେମ୍ବର 1961 ପର୍ଯ୍ୟନ୍ତ ରଖାଯିବାର ଥିଲା; ଏବଂ

(3) ଯେଉଁ ସରକାରୀ କର୍ମଚାରୀମାନେ  ମେ 25,1961 ରୁ ଡିସେମ୍ବର 30,1961 ମଧ୍ୟରେ 55 ବର୍ଷ ବୟସ ଅତିକ୍ରମ କରିଥିବେ, ସେମାନଙ୍କୁ ଡିସେମ୍ବର 31,1961 ପର୍ଯ୍ୟନ୍ତ ରଖାଯିବାର ଥିଲା ।

ଏହି ଆଦେଶର ପରିଣାମ ସ୍ୱରୂପ ଯେଉଁ ସରକାରୀ କର୍ମଚାରୀମାନେ ମେ 25,1961 ପରେ ଏବଂ ଡିସେମ୍ବର 30,1961 ପୂର୍ବରୁ ଅବସର ବୟସ ପରିବର୍ତ୍ତନ ହେତୁ ଅବସର ନେଇଥାନ୍ତେ ସେମାନଙ୍କୁ ଡିସେମ୍ବର 31,1961 ପର୍ଯ୍ୟନ୍ତ ଚାକିରିରେ ରଖାଯାଇଥିଲା, କେବଳ ଯେଉଁମାନେ ଡିସେମ୍ବର 31,1961 ପୂର୍ବରୁ 58 ବର୍ଷ ବୟସରେ ଅବସର ଗ୍ରହଣ କରିଥିଲେ ସେମାନଙ୍କ ବ୍ୟତୀତ, ଯେଉଁ କ୍ଷେତ୍ରରେ ସେମାନେ 58 ବର୍ଷ ବୟସରେ ଅବସର ଗ୍ରହଣ କରିବାକୁ ଥିଲେ ।ଏହି ଆଦେଶ ପରିଣାମ ସ୍ୱରୂପ, ଆବେଦନକାରୀ ଯିଏ ମେ 25,1961 ପୂର୍ବରୁ 55 ବର୍ଷ ବୟସ ଅତିକ୍ରମ କରିଥିଲେ କିନ୍ତୁ 57 ବର୍ଷ ବୟସ ଅତିକ୍ରମ କରିନଥିଲେ, ଡିସେମ୍ବର 31,1961ରେ ଅବସର ନେଇଥିଲେ, ଯଦିଓ ନଭେମ୍ବର 27,1957ର ପୂର୍ବ ନିୟମ ଜାରି ରହିଥିଲେ, ସେ ଡିସେମ୍ବର 11,1963 ରେ ଅବସର ନେଇଥାଆନ୍ତେ ।

ଅବସର ନେବାର ବୟସକୁ ହ୍ରାସ କରିବା ପରେ  ସରକାରଙ୍କ କ୍ଷମତାକୁ ଆପତ୍ତି କରି ରାମ ଔତର ପାଣ୍ଡେ ନାମକ ଜଣେ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ସେହି ଆବେଦନକୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ପୀଠ ଶୁଣାଣି କରିଥିଲେ ଏବଂ ଡିସେମ୍ବର 21,1961 ରେ ଏହାକୁ ଖାରଜ କରିଦିଆଯାଇଥିଲା: (ଦେଖନ୍ତୁ ରାମ ଔତର ପାଣ୍ଡେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ) (1) । ଯେଉଁ ଆବେଦନରୁ ବର୍ତ୍ତମାନର ଆବେଦନ ଉତ୍ପନ୍ନ ହୋଇଛି

(1) I.L.R. [1962] 1 ALL. 793.

ତାହା ଡିସେମ୍ବର 4,1961 ତାରିଖରେ ଦାଖଲ ହୋଇଥିଲା ଏବଂ *ରାମ ଔତର ପାଣ୍ଡେଙ୍କ ମାମଲାର(1)* ରାୟ ପରେ ମାର୍ଚ୍ଚ 29,1962 ତାରିଖରେ ଏହାକୁ ଖାରଜ କରାଯାଇଥିଲା । ଏହା ପରେ ଖଣ୍ଡପୀଠରେ ଏକ ଆବେଦନ ହୋଇଥିଲା, ଯାହାକୁ ମଧ୍ୟ ସମାନ ଆଧାରରେ ଖାରଜ କରିଦିଆଯାଇଥିଲା । ଏହା ପରେ ଏହି ନ୍ୟାୟାଳୟରେ ଆବେଦନ କରିବାକୁ ଅନୁମତି ପାଇଁ ଏକ ଆବେଦନ କରାଯାଇଥିଲା, ଯାହାକୁ ମଞ୍ଜୁର କରାଯାଇଥିଲା; ଏବଂ ଏହିପରି ଭାବରେ ଏହି ମାମଲା ଆମ ସମ୍ମୁଖକୁ ଆସିଅଛି ।

ଆବେଦନକୁ ସମର୍ଥନ କରି ଆବେଦନକାରୀଙ୍କ ତରଫରୁ ତିନୋଟି ପ୍ରସଙ୍ଗ ପ୍ରରୋଚିତ କରାଯାଇଛି । ଏହା ଅନୁରୋଧ କରାଯାଇଛି ଯେ -

(1) ମେ 25,1961 ର ଅଧିସୂଚନା ଦ୍ୱାରା କରାଯାଇଥିବା ଅବସର ନିୟମ ପରିବର୍ତ୍ତନ ସମ୍ବିଧାନର ଅନୁଚ୍ଛେଦ 311 ଦ୍ୱାରା ପ୍ରଭାବିତ ହୋଇଥିଲା, ଯାହା ଅନୁଚ୍ଛେଦ 311 (2) ର ଆବଶ୍ୟକତାକୁ ଅନୁପାଳନ ନକରି ସରକାରୀ କର୍ମଚାରୀଙ୍କୁ ଚାକିରିରୁ ଅପସାରଣ କରିବା ସହ ସମାନ ଥିଲା ।

(2) ଉକ୍ତ ନିୟମଟି ପିଛିଲା ହୋଇଥିବାରୁ ଏହା ତ୍ରୁଟିପୂର୍ଣ୍ଣ ଥିଲା କାରଣ କୌଣସି ଅଧିସୂଚନା ପିଛିଲା ଭାବରେ କରାଯାଇପାରିବ ନାହିଁ; ଏବଂ

(3) ଏହି ନିୟମ ଅନୁଚ୍ଛେଦ 14 ଦ୍ୱାରା ପ୍ରଭାବିତ ହୋଇଥିଲା କାରଣ ଏହାଦ୍ୱାରା ଅବସର ଗ୍ରହଣ ପ୍ରସଙ୍ଗରେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସମାନତା ସୃଷ୍ଟି କରିଥିଲା ।

ପ୍ରଥମ ପ୍ରଶ୍ନ ହେଉଛି ଅବସରର ନିୟମ ଯାହା ଦ୍ୱାରା ଅବସରର ବୟସ 55 ବର୍ଷକୁ ହ୍ରାସ କରାଯାଇଥିଲା, ଯାହାର ପରିଣାମସ୍ୱରୂପ ସରକାରୀ କର୍ମଚାରୀମାନେ ପୂର୍ବରୁ ପ୍ରଚଳିତ ନିୟମ ତୁଳନାରେ ଶୀଘ୍ର ଅବସର ନେଇଥିଲେ, ତାହା ଅନୁଚ୍ଛେଦ 311ର ଅର୍ଥ ଅନୁଯାୟୀ ସେବାରୁ ବହିଷ୍କୃତ ବୋଲି କୁହାଯାଇପାରିବ କି ? ଏହି ସମ୍ବନ୍ଧରେ *ମୋତି ରାମ ଡେକା ବନାମ ଜେନେରାଲ ମ୍ୟାନେଜର, ଉତ୍ତର ସୀମାନ୍ତ ରେଳବାଇ* (2) ଉପରେ ନିର୍ଭର କରାଯାଇଛି । ଏହି ମାମଲାରେ ରେଳପଥ ସଂହିତାର ଏକ ନିୟମକୁ ନେଇ ରେଳ ପ୍ରଶାସନକୁ ସମସ୍ତ ସ୍ଥାୟୀ କର୍ମଚାରୀଙ୍କ ସେବା ସମାପ୍ତ କରିବାର କ୍ଷମତା ଦିଆଯାଇଥିଲା, ଯେଉଁମାନଙ୍କ ପାଇଁ ନିୟମ କେବଳ ଏକ ନିର୍ଦ୍ଦିଷ୍ଟ ଅବଧି

(1) I.L.R.[1962] ALL. 793.
(2) A.I.R. 1964 S.C. 600.

ପାଇଁ ନୋଟିସ ଦେବା କିମ୍ବା ଏହା ପରିବର୍ତ୍ତେ ଅବସର ବୟସ ପୂର୍ବରୁ ସେବା ସମୟରେ ଯେକୌଣସି ସମୟରେ ଦରମା ପ୍ରଦାନ କରିବା ଉପରେ ଲାଗୁ ହୋଇଥିଲା । ଏଥିରେ ନିର୍ଣ୍ଣୟ ହୋଇଥିଲା ଯେ ଜଣେ ସ୍ଥାୟୀ ସରକାରୀ କର୍ମଚାରୀଙ୍କ କାର୍ଯ୍ୟକାଳର ସମାପ୍ତି ଯାହା ଉକ୍ତ ନିୟମ ଦ୍ୱାରା ପ୍ରାଧିକୃତ ହୋଇଥିଲା, ତାହା ଅନୁଚ୍ଛେଦ 311 ଅନୁଯାୟୀ ସେବାରୁ ଅପସାରଣ ଠାରୁ ଅଧିକ କିମ୍ବା କମ୍ କିଛି ନୁହେଁ ଏବଂ ତେଣୁ ସେମାନେ ଅନୁଚ୍ଛେଦ 311 (2) ର ସୁରକ୍ଷା ପାଇବାକୁ ହକଦାର ଥିଲେ । ଆମ ମତରେ ଏହି ମାମଲା ବର୍ତ୍ତମାନର ମାମଲାର ତଥ୍ୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, କାରଣ ଏହି ମାମଲାରେ ଅବସର ବୟସ ସମ୍ବନ୍ଧୀୟ କୌଣସି ନିୟମ ସହିତ ଜଡିତ ନଥିଲା । ଆହୁରି ସେହି କ୍ଷେତ୍ରରେ ଏହା ସ୍ପଷ୍ଟ କରାଯାଇଥିଲା ଯେ ଅବସର ଗ୍ରହଣ (ଅବସର) କିମ୍ବା ଅବସର ଗ୍ରହଣ ବୟସର କିଛି ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଗ୍ରହଣ ବିଷୟରେ ଏକ ନିୟମ ଯାହା ଜଣେ ସରକାରୀ କର୍ମଚାରୀଙ୍କ ସେବା ସମାପ୍ତ ହେବାର ପରିଣାମ ସ୍ୱରୂପ ଅପସାରଣ ସହ ସମାନ ନଥିଲା । ବର୍ତ୍ତମାନର ମାମଲାରେ ଯାହା ଘଟିଛି ତାହା ହେଉଛି ଯେ ସରକାର ପ୍ରଥମେ 1957 ମସିହାରେ ଅବସର ବୟସ 55 ବର୍ଷରୁ 58 ବର୍ଷକୁ ବୃଦ୍ଧି କରିଥିଲେ ଏବଂ ଆବେଦନକାରୀ ଏହାର ଲାଭ ପାଇଥିଲେ କାରଣ ସେ ଡିସେମ୍ବର 11,1960 ପରେ ସେବାରେ ରହିଥିଲେ, ଯେଉଁ ତାରିଖରେ ସେ 55 ବର୍ଷ ବୟସ ପୂରଣ କରିବା ପରେ ଅବସର ନେଇଥାନ୍ତେ । ଏହା ପରେ, 1961 ମସିହାରେ, ସରକାର ଅବସର ଗ୍ରହଣ ବୟସକୁ ନେଇ ନିଜର ମନ ପରିବର୍ତ୍ତନ କରି ପୁଣି ଏହାକୁ 55 ବର୍ଷକୁ ହ୍ରାସ କରିଦେଇଥିଲେ । ତଥାପି ଏହି ନିୟମ ଅବସର ବୟସ ସମ୍ବନ୍ଧରେ ଥିଲା ଏବଂ ଅବସର ବୟସ ପୂରଣ ହେବା ପରେ ସେବା ସମାପ୍ତିକୁ *ମୋତି ରାମ ଡେକାଙ୍କ ମାମଲାରେ* (1) ସଂଖ୍ୟାଗରିଷ୍ଠତା ଦ୍ୱାରା ଅନୁଚ୍ଛେଦ 311ର ପ୍ରୟୋଗ ବାହାରେ ରଖାଯାଇଥିଲା । ଆମକୁ ଏପରି କୌଣସି ବ୍ୟବସ୍ଥା ଦର୍ଶାଯାଇନାହିଁ ଯାହା ଅବସର ଗ୍ରହଣ ବୟସ ବୃଦ୍ଧି କିମ୍ବା ହ୍ରାସ କରିବା ପାଇଁ ସରକାରଙ୍କର କ୍ଷମତାକୁ ହଟାଇ ଦେଉଥିବା କୌଣସି ବ୍ୟବସ୍ଥା ଆମ ସମ୍ମୁଖରେ ଉପସ୍ଥାପିତ ହୋଇନାହିଁ ଏବଂ ତେଣୁ ଯେହେତୁ ଏହି ନିୟମ କେବଳ ଅବସର ଗ୍ରହଣ ବୟସ ସହିତ ଜଡିତ ଏବଂ ଅବସର ଗ୍ରହଣ ବୟସର ହ୍ରାସ କାରଣରୁ ଆବେଦନକାରୀଙ୍କୁ ଅବସର ନେବାକୁ ପଡିଥିଲା, ତେଣୁ ଏହା କୁହାଯାଇପାରିବ ନାହିଁ ଯେ ଏହିପରି ଭାବରେ ତାଙ୍କ ସେବା ସମାପ୍ତି, ଅନୁଚ୍ଛେଦ 311 ମଧ୍ୟରେ ତାଙ୍କୁ ବହିଷ୍କୃତ କରାଯାଇଥିଲା । ଏହି ମାମଲାର ପରିସ୍ଥିତିରେ ପରିବର୍ତ୍ତନକୁ ଅତିକମରେ ଅଯୌକ୍ତିକ ବୋଲି ବିବେଚନା କରାଯାଇପାରିବ ନାହିଁ । ଅବସର ଗ୍ରହଣ ବୟସ ପରିବର୍ତ୍ତନ କାରଣରୁ ସେବା ସମାପ୍ତ

---

(1) A.I.R 1964 S.C. 600

ହେବା ଅନୁଚ୍ଛେଦ 311ର ଅର୍ଥ ମଧ୍ୟରେ ଅପସାରଣ ସଦୃଶ ଏବଂ ତେଣୁ ଅପସାରଣ ପାଇଁ ଯେଉଁ ଆବଶ୍ୟକୀୟ ପ୍ରକ୍ରିୟା ଅନୁସରଣ କରାଯାଇଥାନ୍ତା, ତାହାକୁ ଆବେଦନକାରୀ ନିର୍ଭର କରିଥିବା ମାମଲା ଦ୍ୱାରା ଅସ୍ୱୀକାର କରାଯାଏ । ତେଣୁ ଆମେ ବିଚାର କରୁଛୁ ଯେ ବର୍ତ୍ତମାନ ମାମଲାରେ ଆବେଦନକାରୀଙ୍କ ସେବା ସମାପ୍ତ କରିବା ପାଇଁ ଅନୁଚ୍ଛେଦ 311ର କୌଣସି ପ୍ରୟୋଗ ନାହିଁ । ଆବେଦନକାରୀଙ୍କ ପକ୍ଷରେ ପରବର୍ତ୍ତୀ ଯୁକ୍ତି ହେଉଛି ଯେ ନିୟମଟି ପିଛିଲା ଭାବେ ଲାଗୁ ହୋଇଛି ଏବଂ କୌଣସି ପିଛିଲା ଭାବେ ନିୟମ କରାଯାଇପାରିବ ନାହିଁ । ଯେତେବେଳେ ଆମେ ନିୟମକୁ ପଢୁ, ଆମେ ସେଥିରେ କୌଣସି ପୂର୍ବାନୁମାନ ଦେଖୁନାହୁଁ । ଏହି ନିୟମ କେବଳ ଏହା ଉଲ୍ଲେଖ କରେ ଯେ, ଏହି ନିୟମ ଲାଗୁ ହେବା ଦିନଠାରୁ ଅବସର ବୟସ 55 ବର୍ଷ ହେବ ।

ତେଣୁ ସେହି ତାରିଖଠାରୁ ଏହା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ ହେବ, ଯଦିଓ ସେମାନେ 25 ମେ 1961 ପୂର୍ବରୁ ନିଯୁକ୍ତି ପାଇଥିବେ, ସେହିଭଳି 1957ର ନିୟମ, ଯେଉଁଥିରେ 55 ବର୍ଷରୁ 58 ବର୍ଷକୁ ବୃଦ୍ଧି କରାଯାଇଥିଲା, 1957 ପୂର୍ବରୁ ନିଯୁକ୍ତି ପାଇଥିଲେ ମଧ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ ହେବ । କିନ୍ତୁ ଏହା ଅନୁରୋଧ କରାଯାଇଛି ଯେ ଏହି ବ୍ୟବସ୍ଥା ଦର୍ଶାଏ ଯେ ଏହି ନିୟମ ପିଛିଲା ଭାବରେ ଲାଗୁ କରାଯାଇଥିଲା । ଆମେ ପୂର୍ବରୁ ଏହି ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରିଛୁ ଯେ ଯେଉଁ ସରକାରୀ କର୍ମଚାରୀମାନେ 1957 ମସିହା ଜୁନ୍ 17 ତାରିଖରେ କିମ୍ବା ଏହା ପୂର୍ବରୁ 55ବର୍ଷ ବୟସ ଅତିକ୍ରମ କରିଥିବେ ଏବଂ 1961 ମସିହା ମେ 25 ତାରିଖରେ 58 ବର୍ଷ ବୟସ ଅତିକ୍ରମ କରିନଥିବେ, ସେମାନଙ୍କୁ ଅବସର ତାରିଖ ଅର୍ଥାତ୍ 55ବର୍ଷ ପରେ ଚାକିରିରେ ରଖାଯାଇଥିବା ବିବେଚନା କରାଯିବ । ଆମ ମତରେ ଏହି ବ୍ୟବସ୍ଥା ନିୟମକୁ ପିଛିଲା ଭାବେ ଲାଗୁ କରେ ନାହିଁ; ଏହା କେବଳ 55ବର୍ଷରୁ ଅଧିକ ସେବା ଅବଧିକୁ 1957ର ପୂର୍ବ ନିୟମକୁ ଦୃଷ୍ଟିରେ ରଖି କିଭଳି ବ୍ୟବହାର କରାଯିବା ଉଚିତ ତାହା ହିଁ ଦର୍ଶାଏ, ଯାହାକୁ 1961ର ନିୟମ ଦ୍ୱାରା ପରିବର୍ତ୍ତିତ ହେଉଥିଲା । ସେହିଦିନ ଜାରି ହୋଇଥିବା ଦ୍ୱିତୀୟ ଆଦେଶରେ ମଧ୍ୟ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ, ଏହି ନିୟମର କୌଣସି ପିଛିଲା ଭାବେ କାର୍ଯ୍ୟକାରିତା ହୋଇନାହିଁ, କାରଣ ବାସ୍ତବରେ କୌଣସି ସରକାରୀ କର୍ମଚାରୀ ନୂଆ ନିୟମ ଲାଗୁ ହେବା ପୂର୍ବରୁ ଅର୍ଥାତ୍ ମେ 25,196 ପୂର୍ବରୁ ଅବସର ଗ୍ରହଣ କରିନେଇନଥିଲେ ଏବଂ ଯେଉଁମାନେ ମେ 25,1961 ଏବଂ ଡିସେମ୍ବର 31,1961 ମଧ୍ୟରେ 58 ବର୍ଷ ବୟସ ପୂରଣ କରିଥିଲେ ଏବଂ ତେଣୁ ପୁରୁଣା ନିୟମ ଅନୁଯାୟୀ ଅବସର ପ୍ରାପ୍ତ ବୟସରେ ପହଞ୍ଚିବା ପରେ ଅବସର ଗ୍ରହଣ କରିବାକୁ ଥିଲେ, ସେମାନଙ୍କୁ ଛାଡ଼ିଦେଲେ ସମସ୍ତେ ଡିସେମ୍ବର 31,1961 ପର୍ଯ୍ୟନ୍ତ ଚାକିରିରେ ରହିଥିଲେ । ତେଣୁ ଆମର ମତ ହେଉଛି ଯେ ଅବସର ବୟସ 58

ବର୍ଷରୁ 55 ବର୍ଷକୁ ହ୍ରାସ କରୁଥିବା ନୂତନ ନିୟମକୁ ପିଛିଲା ପ୍ରଭାବ ବୋଲି କୁହାଯାଇପାରିବ ନାହିଁ । ନୂତନ ନିୟମର ବ୍ୟବସ୍ଥା ଏବଂ ଦ୍ୱିତୀୟ ଅଧିସୂଚନା  କେବଳ ସେହି କଠିନ ପରିସ୍ଥିତିକୁ ଦୂର କରିବା ପାଇଁ ଏକ ଉପାୟ ଯାହା ସରକାରୀ ସେବାରେ ସୃଷ୍ଟି ହେବ ଯଦି ନୂତନ ନିୟମକୁ ଏକକାଳୀନ ଲାଗୁ କରାଯିବ ଏବଂ ନୂତନ ନିୟମର କାର୍ଯ୍ୟକାରିତାରୁ ଉତ୍ପନ୍ନ ହେଉଥିବା ଆର୍ଥିକ ଆପତ୍ତିକୁ ମଧ୍ୟ ସମାଧାନ କରାଯିବ । ତେଣୁ ଏହି ନୂତନ ନିୟମକୁ ଏହାର କାର୍ଯ୍ୟକାରିତାରେ ପିଛିଲା ଆଧାରରେ ରଦ୍ଦ କରାଯାଇପାରିବ ନାହିଁ ।

ଅନ୍ତିମ ଯୁକ୍ତିଟି ଯାହା ବିରୋଧ କରାଯାଉଛି ତାହା ହେଉଛି ଯେ ନୂତନ ନିୟମଟି ଭେଦଭାବପୂର୍ଣ୍ଣ ଥିଲା କାରଣ ଭିନ୍ନ ଭିନ୍ନ ସରକାରୀ କର୍ମଚାରୀମାନେ ଭିନ୍ନ ଭିନ୍ନ ବୟସରେ ଅବସର ନେଇଛନ୍ତି । ଏହି ଯୁକ୍ତିରେ ଆମେ କୌଣସି ଯଥାର୍ଥତା ଦେଖୁନାହୁଁ, ସମସ୍ତ ସରକାରୀ କର୍ମଚାରୀଙ୍କ ମାମଲାରେ ଅବସର ଅବଧି 31 ଡିସେମ୍ବର 1961 ରହିଛି ଏବଂ 55 ବର୍ଷରେ ଅବସର ବୟସ ସ୍ଥିର କରାଯାଇଛି । ନିୟମରେ ନିଜସ୍ୱ ଭାବେ କୌଣସି ଭେଦଭାବ ନାହିଁ । ତେବେ ଏହା ଅନୁରୋଧ କରାଯାଇଛି ଯେ, ଦ୍ୱିତୀୟ ଅଧିସୂଚନା  ଅନୁସାରେ, ଯେଉଁଠି ଡିସେମ୍ବର 31,1961 ରେ 55ବର୍ଷରୁ ଅଧିକ ବୟସର ସମସ୍ତ ସରକାରୀ କର୍ମଚାରୀଙ୍କୁ ଅବସର ଦିଆଯାଇଥିଲା, କେବଳ ସେହି କିଛି କର୍ମଚାରୀଙ୍କୁ ଛାଡ଼ି, ଯେଉଁମାନେ ମେ 25,1961 ତାରିଖରୁ ଡିସେମ୍ବର 31,1961 ମଧ୍ୟରେ 58 ବର୍ଷ ପୂରଣ କରିଥିଲେ, ଏହା ଦର୍ଶାଏ ଯେ ବିଭିନ୍ନ ସରକାରୀ କର୍ମଚାରୀ 55 ବର୍ଷ ଏବଂ ଗୋଟିଏ ଦିନରୁ 58 ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସରେ ଅବସର ନେଇଥିଲେ । ଏହା ନିଶ୍ଚିତ ଭାବେ ଦ୍ୱିତୀୟ ଆଦେଶର ପ୍ରଭାବ ଅଟେ । କିନ୍ତୁ ଏହା ଉଲ୍ଲେଖନୀୟ ଯେ ଯେଉଁ ସମସ୍ତ ସରକାରୀ କର୍ମଚାରୀ ଡିସେମ୍ବର 31,1961 ପୂର୍ବରୁ 55 ବର୍ଷ ବୟସ ପୂରଣ କରିଥିଲେ କିନ୍ତୁ 58 ବର୍ଷ ବୟସ ପୂରଣ କରିନଥିଲେ, ସେହିମାନେ ଏହି ଆଦେଶ ସେହି ମାମଲାରେ ଅବସର ନେବାର ସମାନ ତାରିଖ ଡିସେମ୍ବର 31,1961 ଧାର୍ଯ୍ୟ କରାଯାଇଥିଲା । ତେଣୁ ଏହି ପରିପ୍ରେକ୍ଷୀରେ ମଧ୍ୟ କୌଣସି ଭେଦଭାବ କରାଯାଇନଥିଲା ଏବଂ ସମସ୍ତ ସରକାରୀ କର୍ମଚାରୀ ଯେଉଁମାନେ 55 ବର୍ଷ ବୟସ ପୂରଣ କରିସାରିଥିଲେ, ଯାହା ନୂତନ ନିୟମ ଦ୍ୱାରା ଅବସର ବୟସ ଭାବରେ ହ୍ରାସ କରାଯାଇଥିଲା, ସେମାନଙ୍କୁ ସେହି ଦିନ ଅର୍ଥାତ୍ 31 ଡିସେମ୍ବର 1961 ରେ ଅବସର ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାର ପରିଣାମ ହେଉଛି ଯେ ପ୍ରଭାବିତ ହୋଇଥିବା ସରକାରୀ କର୍ମଚାରୀମାନେ ବିଭିନ୍ନ ବୟସରେ ଅବସର ନେଇଥିଲେ । କିନ୍ତୁ ଏହା ଏଥିପାଇଁ ନୁହେଁ ଯେ ସେମାନେ ଭିନ୍ନ ଭିନ୍ନ ବୟସରେ ଅବସର ନେଇଥିଲେ, ବରଂ ପଞ୍ଚାବନ ବର୍ଷ ବୟସ ପରେ ସେମାନଙ୍କର ସେବା ଭିନ୍ନ ଭିନ୍ନ

ସମୟ ପାଇଁ ଜାରି ରଖାଯାଇଥିଲା । ବର୍ତ୍ତମାନ ଏହା ବିରୋଧ କରାଯାଇପାରିବ ନାହିଁ ଯେ ଯଦି ସରକାର ଅବସର ବୟସ ପରେ କିଛି ସରକାରୀ କର୍ମଚାରୀଙ୍କ ସେବା ବଜାୟ ରଖିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ସମାନ ସମୟ ପାଇଁ ସେମାନଙ୍କ ସେବାକୁ ବଜାୟ ରଖିବାକୁ ପଡିବ । ଅବସର ଗ୍ରହଣ ଅବଧି ପରେ ସରକାରୀ କର୍ମଚାରୀଙ୍କ ଧାରଣ କ୍ଷମତା ସେମାନଙ୍କ କାର୍ଯ୍ୟଦକ୍ଷତା ଏବଂ ଜନସେବାର ଆବଶ୍ୟକତା ଉପରେ ନିର୍ଭର କରେ ଏବଂ ଏହି ବର୍ତ୍ତମାନ ମାମଲାରେ ଅବସର ଅବଧିରେ ଥିବା ପାର୍ଥକ୍ୟ ସରକାରୀ ସେବାର ଆବଶ୍ୟକତା କାରଣରୁ ସୃଷ୍ଟି ହୋଇଛି । ତେଣୁ ଆମର ମତ ହେଉଛି ଯେ, ମେ 25,1961ର ଦ୍ୱିତୀୟ ଅଧିସୂଚନା , ଯାହା ଉପରେ ଭେଦଭାବର ପ୍ରମାଣ ଦେବା ପାଇଁ ଭରସା କରାଯାଇଛି, ବାସ୍ତବରେ ଭେଦଭାବପୂର୍ଣ୍ଣ ନୁହେଁ, କାରଣ ଏହା ସମସ୍ତ ସରକାରୀ କର୍ମଚାରୀଙ୍କୁ ସମାନ ଭାବରେ ପରିଗଣିତ କରିଛି ଏବଂ 31 ଡିସେମ୍ବର 1961 ପର୍ଯ୍ୟନ୍ତ ଯେଉଁମାନେ 55 ବର୍ଷ ପୂରଣ କରିଥିଲେ କିନ୍ତୁ 58 ବର୍ଷ ପୂରଣ କରିନଥିଲେ ସେମାନଙ୍କ ପାଇଁ 31 ଡିସେମ୍ବର 1961କୁ ଅବସର ଗ୍ରହଣର ତାରିଖ ଭାବରେ ସ୍ଥିର କରାଯାଇଛି । ତେଣୁ ଏହି ଦୁଇ ଅଧିସୂଚନା କୁ ଅନୁଚ୍ଛେଦ 14 ଆଧାରରେ ଆପତ୍ତି କରିବା ବିଫଳ ହେବା ଉଚିତ ।

ତେଣୁ ଆମେ ଆବେଦନକୁ ଖାରଜ କରୁଛୁ, କିନ୍ତୁ ଏହି ପରିସ୍ଥିତିରେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ପାରିତ କରୁନାହୁଁ ।

*ଆବେଦନକୁ ଖାରଜ କରାଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଧିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।